ନିତିଦିନ
NITIDIN

ପେନାଲ୍‌ଟି ଶୁଟ୍‌ଆଉଟ୍‌ରେ ୫-୬ରେ ହାରିଲା ଲିଅନ୍

ପିଏସ୍‌ଜି ଜିତିଲା ଫ୍ରେଞ୍ଚ୍ ଲିଗ୍ କପ୍

ପ୍ୟାରିସ୍, ୧।୮/ଏଜେନ୍ସି: ଚଳିତ ବର୍ଷର ଫ୍ରେଞ୍ଚ୍ ଲିଗ୍ କପ୍‌ରେ ପ୍ୟାରିସ୍ ସେଣ୍ଟ-ଜର୍ମେନ୍ (ପିଏସ୍‌ଜି) ଚାମ୍ପିଅନ୍ ହୋଇଛି। ଶୁକ୍ରବାର ରାତିରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଦଳ ଲିଅନ୍ ଟିମ୍‌କୁ ପେନାଲ୍‌ଟି ଶୁଟ୍‌ଆଉଟ୍‌ରେ ୬-୫ରେ ପରାସ୍ତ କରି ନବମ ଥର ପାଇଁ ଏହି ପ୍ରତିଯୋଗିତାରେ ଟାଇଟଲ୍ ହାସଲ କରିପାରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍‌ଟି ବିନା ଗୋଲ୍‌ରେ ଶେଷ ହେବା ପରେ ପେନାଲ୍‌ଟି କର୍ଣ୍ଣର୍‌ରେ ପିଏସ୍‌ଜି ୬-୫ରେ ବିଜୟୀ ହୋଇଥିଲା। ପ୍ରଥମ ୫ଟି ଲେଖାଏଁ ଗୋଲ୍ ଉଭୟ ପକ୍ଷ ସ୍କୋର୍ କରିବା ପରେ ଲିଅନ୍‌ର ଷଷ୍ଠ କିକ୍‌କୁ ପିଏସ୍‌ଜି ଗୋଲ୍‌କିପର୍ କିଲୋର୍ ନାଭାସ୍ ରୋକିଦେଇଥିଲେ। ଉକ୍ତ ପେନାଲ୍‌ଟି କିକ୍‌ଟି ଲିଅନ୍‌ର ବେରଟ୍ରାଣ୍ଡ୍ ଟ୍ରାଓର୍ ନେଇଥିଲେ। ପରେ ପିଏସ୍‌ଜି ପକ୍ଷରୁ ଷଷ୍ଠ କିକ୍‌ଟି ପାବଲୋ ସରାବିୟା ନେବା ସହ ଏହାକୁ ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ। ଏଠାକାର ଷ୍ଟାଡେ ଡି’ ଫ୍ରାନ୍ସ ଷ୍ଟାଡିୟମ୍ ଫାଇନାଲ୍ ମ୍ୟାଚ୍‌ଟିକୁ ୫ ହଜାର ଦର୍ଶକ ଉପଭୋଗ କରିଥିଲେ। ୧୯୯୫ରୁ ଚାଲିଆସିଥିବା ଫ୍ରେଞ୍ଚ୍ ଲିଗ୍ କପ୍‌ର ଏହା ଶେଷ ସଂସ୍କରଣ। ଗତବର୍ଷ ସେପ୍ଟେମ୍ବରରେ ଆୟୋଜକ ଫ୍ରେଞ୍ଚ୍ ପ୍ରଫେସନାଲ୍ ଫୁଟବଲ୍ ଲିଗ୍ (ଏଲ୍‌ଏଫ୍‌ପି) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିଲା।

ଏହି ପ୍ରତିଯୋଗିତା ପାଇଁ ଏଲ୍‌ଏଫ୍‌ପି କୌଣସି ପ୍ରସାରକ ଯୋଗାଡ଼ କରିପାରି ନ ଥିଲେ ହେଁ ଏହାର ପ୍ରସାରଣ ଅଧିକାର ନିଜ ପାଖରେ ରଖିଛି ଓ ଖୁବଶୀଘ୍ର ଏହି ପ୍ରତିଯୋଗିତା ପୁଣିଥରେ ଆରମ୍ଭ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଛି। ଶୁକ୍ରବାରର ବିଜୟ ଫଳରେ ପିଏସ୍‌ଜି ଘରୋଇ ପ୍ରତିଯୋଗିତାରେ ହ୍ୟାଟ୍ରିକ୍ ଟାଇଟଲ୍ ହାସଲ କରିଛି। ପୂର୍ବରୁ ଗତ ଏପ୍ରିଲ୍‌ରେ କରୋନା ଭୂତାଣୁ ସଂକ୍ରମଣ କାରଣରୁ ୧୦ଟି ମ୍ୟାଚ୍ ଖେଳାଯିବାକୁ ବାକି ଥିବା ବେଳେ ପିଏସ୍‌ଜି ଲିଗ୍ ୧ରେ ଶୀର୍ଷ ଟିମ୍ ଭାବେ ଚାମ୍ପିଅନ୍ ହୋଇଥିଲା। ସେହିପରି ଗତ ସପ୍ତାହରେ ଶେଷ ହୋଇଥିବା ଫ୍ରେଞ୍ଚ୍ କପ୍ ଫାଇନାଲ୍‌ରେ ସେଣ୍ଟ-ଏଟିନ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ପିଏସ୍‌ଜି କ୍ରମାଗତ ଦ୍ୱିତୀୟ ଟାଇଟଲ୍ ଲାଭ କରିଥିଲା। ଶୁକ୍ରବାରର ଫାଇନାଲ୍ ମୁକାବିଲାରେ ଥୋମାସ୍ ଟଚେଲ୍‌ଙ୍କ ନେତୃତ୍ୱାଧୀନ ପିଏସ୍‌ଜି ଅଭିଜ୍ଞ କିଲିଆନ୍ ଏମ୍‌ବାପେଙ୍କୁ ମିସ୍ କରିଥିଲା। ଗତ ସପ୍ତାହରେ ଫ୍ରେଞ୍ଚ୍ କପ୍ ଫାଇନାଲ୍‌ରେ ଆହତ ହୋଇଥିବା ଏମ୍‌ବାପେ ମାସ୍କ ପିନ୍ଧି ଷ୍ଟାଡିୟମ୍‌ରେ ବସି ପିଏସ୍‌ଜି ମୁକାବିଲା ଦେଖିଥିଲେ। ଅନ୍ୟପକ୍ଷରେ ଫାଇନାଲ୍‌ରେ ପରାସ୍ତ ହୋଇଥିବା ଲିଅନ୍ ଆଗାମୀ ଚାମ୍ପିଅନ୍ସ ଲିଗ୍‌ରେ ବିଜେତା ନ ହେଲେ ଏହାକୁ ୨୪ ବର୍ଷ ଭିତରେ ପ୍ରଥମ ଥର ପାଇଁ ଆସନ୍ତା ସିଜନ୍‌ରେ ୟୁରୋପା ଲିଗ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ ନାହିଁ। ପିଏସ୍‌ଜି, ମାର୍ସେଲି ଓ ରେନିସ୍ ୨୦୨୦-୨୧ ଚାମ୍ପିଅନ୍ସ ଲିଗରେ ଫ୍ରାନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସେହିପରି ରିମ୍ସ, ଲିଲି ଓ ନାଇସ୍ ୟୁରୋପା ଲିଗ୍‌ରେ ଖେଳିବେ।

୪ରୁ ହକି କ୍ୟାମ୍ପ୍

ବେଙ୍ଗାଲୁରୁ, ୧।୮/ଏଜେନ୍ସି: ପାଖାପାଖି ୬ ସପ୍ତାହର ବିଶ୍ରାମ ନେବା ପରେ ଭାରତୀୟ ମହିଳା ଓ ପୁରୁଷ ହକି ଖେଳାଳିମାନଙ୍କୁ ଆସନ୍ତା ସପ୍ତାହରୁ ଜାତୀୟ କ୍ୟାମ୍ପ୍‌ରେ ଯୋଗଦେବାକୁ ପଡ଼ିବ। ଏଠାକାର ସାଇ ସେଣ୍ଟର୍‌ଠାରେ ଅଗଷ୍ଟ ୪ରୁ କ୍ୟାମ୍ପ୍ ଆରମ୍ଭ ହେବ। ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ୟାମ୍ପ୍‌ରେ ଯୋଗଦେବା ସକାଶେ ସମସ୍ତ ଖେଳାଳିମାନଙ୍କୁ ସାଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଜନୈକ କର୍ମକର୍ତ୍ତାଙ୍କ କହିବାନୁସାରେ, ଏହି କ୍ୟାମ୍ପ୍‌ରେ ପୁରୁଷ ଦଳର ୩୩ ଜଣ ଖେଳାଳି ଏବଂ ୮ ଜଣ କୋଚ୍ ଓ ସପୋର୍ଟ ଷ୍ଟାଫ୍ ଏବଂ ମହିଳା ଦଳର ୨୪ ଖେଳାଳି ଓ ୭ ଜଣ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଯୋଗଦେବାକୁ କୁହାଯାଇଛି। ଟ୍ରେନିଂ ପୂର୍ବରୁ ବିଭିନ୍ନ ରାଜ୍ୟରୁ ଆସିବାକୁ ଥିବା ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଦୁଇ ସପ୍ତାହ ପାଇଁ ସାଇ ସେଣ୍ଟର୍‌ଠାରେ କ୍ୱାରେଣ୍ଟାଇନ୍‌ରେ ରହିବାକୁ ହେବ। ପାଖାପାଖି ୪ ମାସ ଧରି ସାଇ ସେଣ୍ଟର୍‌ଠାରେ ରହିବା ପରେ ଭାରତୀୟ ମହିଳା ଓ ପୁରୁଷ ହକି ଖେଳାଳିମାନେ ଗତ ଜୁନ୍ ୧୯ ତାରିଖରେ ନିଜ ନିଜ ଘରକୁ ଫେରିଥିଲେ। ସେମାନଙ୍କୁ ମାସେ ପାଇଁ ବିଶ୍ରାମ ନେବାକୁ କୁହାଯାଇଥିଲେ ହେଁ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ କ୍ୟାମ୍ପ୍ ବିଳମ୍ବିତ ହୋଇଛି।

କ୍ୟାମ୍ଫର୍‌ଙ୍କ ୬୮ : ଆୟର୍ଲାଣ୍ଡ ୨୧୨

ଅର୍ଦ୍ଧଶତକ ପୂରଣ ପରେ କର୍ଟିସ୍ କ୍ୟାମ୍ଫର୍

ସାଉଥାମ୍ପଟନ୍, ୧।୮/ଏଜେନ୍ସି: ଚଳିତ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଭ୍ରମଣକାରୀ ଆୟର୍ଲାଣ୍ଡ ନବାଗତ ଅଲ୍‌ରାଉଣ୍ଡର୍ କର୍ଟିସ୍ କ୍ୟାମ୍ଫର୍‌ଙ୍କ କ୍ରମାଗତ ଦ୍ୱିତୀୟ ଅର୍ଦ୍ଧଶତକ ବଳରେ ୯ ୱିକେଟ୍ ହରାଇ ୨୧୨ ରନ୍ କରିଛି। ଫଳରେ ସିରିଜ୍ ଜିତିବା ସକାଶେ ଇଂଲଣ୍ଡକୁ ଦଳ ୨୧୩ ରନ୍‌ର ଟାର୍ଗେଟ୍ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୪୪ ରନ୍‌ରେ ପ୍ରଥମ ୪ ଜଣ ବ୍ୟାଟ୍ସମ୍ୟାନ୍‌ଙ୍କୁ ହରାଇଥିଲା। ତେବେ କ୍ୟାମ୍ଫର୍ ୮ ଚୌକା ଜରିଆରେ ୬୮ ରନ୍ କରିବା ସହ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରୀ କରି ଦଳୀୟ ସ୍କୋର୍‌କୁ ୨ ଶହ ଅତିକ୍ରମ କରାଇଥିଲେ। ତାଙ୍କ ବ୍ୟତୀତ ହ୍ୟାରୀ ଟେକ୍ଟର୍ ୩ଟି ଚୌକା ସହ ୨୮, ସିମି ସିଂହ ୨୫ ଓ ଆଣ୍ଡି ମ୍ୟାକ୍‌ବ୍ରାଇନ୍ ୨ଟି ଚୌକା ସହ ୨୪ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ସ୍ପିନର୍ ଆଦିଲ୍ ରଶିଦ୍ ୩ଟି ଏବଂ ଶାକିବ୍ ମାହମୁଦ୍ ଓ ଡେଭିଡ୍ ୱିଲି ୨ଟି ଲେଖାଏଁ ୱିକେଟ୍ ନେଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଜବାବରେ ଘରୋଇ ଇଂଲଣ୍ଡ ୯ ଓଭର୍‌ରେ ୨ ୱିକେଟ୍ ହରାଇ ୭୧ ରନ୍ କରିଛି। ଓପନର ଜେସନ୍ ରୟ ଖାତା ଖୋଲିବା ପୂର୍ବରୁ ଓ ଜେମ୍ସ ଭିନ୍ସ ୧୬ ରନ୍ କରି ଆଉଟ୍ ହୋଇଥିବା ବେଳେ ଅନ୍ୟତମ ଓପନର ଜନ୍ନି ବେୟାର୍‌ଷ୍ଟୋ ୨୩ ବଲ୍‌ରେ ୫୨ (୮ ଚୌକା ଓ ୨ ଛକା) ଓ ଟମ୍ ବାଣ୍ଟନ୍ ବିନା ରନ୍‌ରେ ଅପରାଜିତ ଅଛନ୍ତି। ବେୟାର୍‌ଷ୍ଟୋ ଧୂଆଁଧାର ବ୍ୟାଟିଂ କରି ଦେଶ ପକ୍ଷରୁ ଦ୍ୱିତୀୟ ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ଭାବେ ମାତ୍ର ୨୧ଟି ବଲରେ ଅର୍ଦ୍ଧଶତକ ପୂରଣ କରିଛନ୍ତି।

ଏକାଡେମୀ ଲାଗି ଜାଗା ଖୋଜୁଛି ଓସିଏ

ଭୁବନେଶ୍ୱର, ୧।୮/ଏନ୍‌ଏନ୍‌ଏସ୍: ଓଡ଼ିଶାରେ କ୍ରିକେଟ ଖେଳରେ ରହିଛି ଆନୁଷଙ୍ଗିକ ସୁବିଧା ସୁଯୋଗ ଓ ପ୍ରତିଭା। କିନ୍ତୁ ତୃଣମୂଳ ସ୍ତରରୁ ଉପଯୁକ୍ତ ପ୍ରଶିକ୍ଷଣ ନ ମିଳିବାକୁ ଓଡ଼ିଶା କ୍ରିକେଟର୍ ଉନ୍ନତି ହୋଇପାରୁନାହିଁ। ଏହାକୁ ଦୂର କରିବା ଲାଗି ଏବେ ଅଣ୍ଟା ଭିଡିଛି ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)। ତୃଣମୂଳ ସ୍ତରରୁ କ୍ୱାଲିଟି ପ୍ରଶିକ୍ଷଣ ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଆସୋସିଏସନ୍ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ଓସିଏ ନିଜର ସ୍ୱତନ୍ତ୍ର ଏକାଡେମୀ ନିର୍ମାଣ କରିବା ଲାଗି ଜାଗା ଖୋଜିବା ଆରମ୍ଭ କରିଦେଇଛି। କଟକ ଓ ଭୁବନେଶ୍ୱରର ମଧ୍ୟବର୍ତ୍ତୀ ଏକ ସ୍ଥାନରେ ୨୦ରୁ ୩୦ ଏକର ବିଶିଷ୍ଟ ଜାଗାରେ ଅତ୍ୟାଧୁନିକ ଏକାଡେମୀ ପ୍ରତିଷ୍ଠା କରିବା ଲାଗି ଆସୋସିଏସନ୍ ପକ୍ଷରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଥରେ ଜାଗା ମିଳିଗଲେ ଅନ୍ୟ ସବୁ କାମ କରିବା ସହଜ ହୋଇଯିବ ବୋଲି ଶୁକ୍ରବାର ଅନୁଷ୍ଠିତ ଓସିଏ ଆପେକ୍ସ କାଉନ୍ସିଲ ବୈଠକରେ ସ୍ଥିର ହୋଇଛି। ଏକାଡେମୀରେ ୨ରୁ ୩ଟି ଅତ୍ୟାଧୁନିକ ପଡ଼ିଆ ନିର୍ମାଣ କରାଯିବ। ଏହି ପଡ଼ିଆରେ ବର୍ଷ ସାରା ଯେପରି ଖେଳ କିମ୍ବା ଅଭ୍ୟାସ ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦିଆଯିବ। ଏହାଛଡା ଏକାଡେମୀ ଲାଗି ଆବଶ୍ୟକ ହେଉଥିବା ପ୍ରାକ୍ଟିସ ୱିକେଟ, ମ୍ୟାଚ୍ ଫିଲ୍ଡ, ସ୍ୱିମିଂ ପୁଲ୍, ସ୍ୟାଣ୍ଡ ପିଟ୍, ଜିମ୍ନାସିୟମ, ରିହାବିଲିଟେସନ ରୁମ୍, ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ରହିବା ବ୍ୟବସ୍ଥା କରାଯିବ। ଏଥିଲାଗି ୫୦ କୋଟି ଟଙ୍କାର ବଜେଟ୍ ବରାଦ କରାଯାଇଛି।

ଏକାଡେମୀ ବ୍ୟତୀତ ଓସିଏ ବିଭିନ୍ନ ଜିଲ୍ଲାରେ ଥିବା କ୍ରିକେଟ ବ୍ୟବସ୍ଥାରେ ଉନ୍ନତି ପାଇଁ ମଧ୍ୟ ଯୋଜନା କରିଛି। ଯେଉଁ ସ୍ୱୀକୃତିପ୍ରାପ୍ତ ୟୁନିଟ୍‌ଗୁଡିକ ଆଗେଇ ଆସିବେ ସେଠାରେ ପ୍ରଥମେ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ସୁଯୋଗ ଉପଲବ୍ଧ କରାଯିବ। ପଡ଼ିଆ ତିଆରି କରିବା ବ୍ୟତୀତ ସମସ୍ତ ପ୍ରକାର ଉପକରଣ ଓ ପ୍ରଶିକ୍ଷଣ ଲାଗି କୋଚ୍ ମଧ୍ୟ ଯୋଗାଇ ଦିଆଯିବ। ଏହାଛଡା ଓଡ଼ିଶାର ଗର୍ବ ବାରବାଟୀ କ୍ରିକେଟ ଷ୍ଟାଡିୟମ୍‌ର ଉନ୍ନତିକରଣ କାମ ମଧ୍ୟ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଗ୍ୟାଲେରୀ ଓ ଅନ୍ୟ ସ୍ଥାନମାନଙ୍କର ମରାମତି କରାଯିବ। ବିଶେଷ କରି ଗ୍ୟାଲେରୀ ନଂ-୭ର ମରାମତି କାମ ଅଗ୍ରାଧିକାର ଭିତ୍ତିରେ ଶେଷ କରାଯିବ। ଏହି ବୈଠକରେ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ସମସ୍ତ କର୍ମକର୍ତ୍ତା, କାଉନ୍ସିଲ ସଦସ୍ୟ ଓ ସିଇଓ ସୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସାଂସଦ ହେଲେ ଇଆନ ବୋଥାମ

ଲଣ୍ଡନ, ୧।୮/ଏଜେନ୍ସି: ଇଂଲଣ୍ଡ ତଥା ବିଶ୍ୱର ଖ୍ୟାତନାମା କ୍ରିକେଟ ଅଲରାଉଣ୍ଡର ଇଆନ ବୋଥାମଙ୍କୁ ବ୍ରିଟିଶ ପାର୍ଲାମେଣ୍ଟର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏବେ ଯେଉଁ ୩୬ ଜଣ ନୂଆ ସଦସ୍ୟଙ୍କୁ ପାର୍ଲାମେଣ୍ଟର ହାଉସ୍ ଅଫ୍ ଲର୍ଡ୍ସ ଲାଗି ମନୋନୀତ କରାଯାଇଛି, ସେମାନଙ୍କ ମଧ୍ୟରେ ବୋଥାମ ରହିଛନ୍ତି। ୬୪ ବର୍ଷୀୟ ଏହି କିମ୍ବଦନ୍ତୀ କ୍ରିକେଟର ଇଂଲଣ୍ଡ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିଥିଲେ। କ୍ରିକେଟ ଓ ସାମାଜିକ କାମ ଲାଗି ତାଙ୍କୁ ସଂସଦ ପଦବୀ ଲାଗି ମନୋନୀତ କରାଯାଇଛି। ୧୯୭୭ରୁ ୧୯୯୨ ମଧ୍ୟରେ ବୋଥାମ ଇଂଲଣ୍ଡ ପକ୍ଷରୁ ୧୦୨ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ବ୍ରେକ୍ସିଟ୍ ସମର୍ଥକ ଭାବେ ଜଣାଶୁଣା ଏହି କିମ୍ବଦନ୍ତୀ ଖେଳାଳିଙ୍କୁ ୨୦୦୭ରେ ନାଇଟ୍ ଉପାଧିରେ ଭୂଷିତ କରାଯାଇଥିଲା। ପାର୍ଲାମେଣ୍ଟରେ ସେ କ୍ରସ୍‌ବେଞ୍ଚ୍ ଇଣ୍ଡିପେଣ୍ଡେଣ୍ଟ ସଦସ୍ୟ ଭାବେ ସ୍ଥାନ ଗ୍ରହଣ କରିବେ।

ବୋଥାମଙ୍କ ପୂର୍ବରୁ ଡେଭିଡ୍ ସେଫର୍ଡ, କଲିନ୍ କାଉଡ୍ରେ, ଲିଆରି କନଷ୍ଟାଣ୍ଟିନ୍‌ଙ୍କୁ ହାଉସ୍ ଅଫ୍ ଲର୍ଡ୍ସ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ଶେଷ ଥର ୨୦୧୧ରେ ଜଣେ କ୍ରିକେଟର ଭାବେ ରାଚେଲ ହେହୋ-ଫ୍ଲିଣ୍ଟ୍‌ଙ୍କୁ ହାଉସ୍ ଅଫ ଲର୍ଡ୍ସରେ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ବୋଥାମ ଜଣେ ପ୍ରଭାବଶାଳୀ କ୍ରିକେଟର ଭାବେ ବିଶ୍ୱ କ୍ରିକେଟରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ୧୯୮୧ରେ ତାଙ୍କ ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଇଂଲଣ୍ଡ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇ ଆଶେସ ସିରିଜ୍ ଜିତିବାରେ ସମର୍ଥ ହୋଇଥିଲା। କ୍ରିକେଟ୍ ଖେଳରୁ ଅବସର ଗ୍ରହଣ କରିବା ପରେ ସେ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। କ୍ରିକେଟରେ ଧାରା ବିବରଣୀ ପ୍ରଦାନ କରିବା ବ୍ୟତୀତ କର୍କଟ ରୋଗର ଗବେଷଣା ଲାଗି ସେ ବିପୁଳ ପରିମାଣରେ ପାଣ୍ଠି ସଂଗ୍ରହ କରିଥିଲେ।

ସାଉଥ୍ ଆଫ୍ରିକାର ଇଣ୍ଡିଜ୍ ଟୁର୍ ସ୍ଥଗିତ

ଜୋହାନ୍ସବର୍ଗ, ୧।୮/ଏଜେନ୍ସି: କରୋନା ସଂକ୍ରମଣ କାରଣରୁ ଗତ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଆଜି ପର୍ଯ୍ୟନ୍ତ ସାଉଥ୍ ଆଫ୍ରିକା କ୍ରିକେଟର୍‌ମାନେ ପଡ଼ିଆକୁ ଓହ୍ଲାଇନାହାନ୍ତି। ଆସନ୍ତା ସେପ୍ଟେମ୍ବରରେ ଦଳର ୱେଷ୍ଟଇଣ୍ଡିଜ୍ ଗସ୍ତ ଆଶା ରହିଥିଲା। ପୂର୍ବରୁ ମଧ୍ୟ କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ (ସିଡବ୍ଲ୍ୟୁଆଇ) ମୁଖ୍ୟ କାର୍ଯ୍ୟନିର୍ବାହୀ ଜନ୍ନି ଗ୍ରେଭ୍ ଆସନ୍ତା ସେପ୍ଟେମ୍ବରରେ ସାଉଥ୍ ଆଫ୍ରିକା ବିପକ୍ଷରେ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ୨ଟି ଟେଷ୍ଟ କିମ୍ବା ୫ଟି ଟି-୨୦ ମ୍ୟାଚ୍ ଖେଳିବା ସକାଶେ ଆଶା ପ୍ରକଟ କରିଥିଲେ। କିନ୍ତୁ ଶନିବାର କ୍ରିକେଟ୍ ସାଉଥ୍ ଆଫ୍ରିକା (ସିଏସ୍‌ଏ)ର ନିର୍ଦ୍ଦେଶକ ତଥା ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ୍ ଦଳର ଇଣ୍ଡିଜ୍ ଗସ୍ତକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ସମୟରେ ସିଏସ୍‌ଏ କୌଣସି ଅନ୍ତର୍ଜାତୀୟ ସିରିଜ୍ ପାଇଁ ସମୟ ସନ୍ଧାନରେ ରହିଛି। ତେବେ ଆସନ୍ତା ସେପ୍ଟେମ୍ବରରେ ଆଇପିଏଲ୍ ଖେଳାଯିବାକୁ ଥିବାରୁ ଏଥିରେ ସାଉଥ୍ ଆଫ୍ରିକା ଖେଳାଳିମାନେ ମଧ୍ୟ ଖେଳିବା ସକାଶେ ଚୁକ୍ତିବଦ୍ଧ ହୋଇଛନ୍ତି। ତେଣୁ ସେମାନେ ଉକ୍ତ ଲିଗ୍‌ରେ ବ୍ୟସ୍ତ ରହିବାକୁ ଥିବାରୁ ସେପ୍ଟେମ୍ବରରେ ଇଣ୍ଡିଜ୍ ଗସ୍ତ ସମ୍ଭବପର ନୁହେଁ ବୋଲି ସ୍ମିଥ୍ କହିଛନ୍ତି। ଅବଶ୍ୟ କରୋନା ସଂକ୍ରମଣଜନିତ ସ୍ଥିତିରେ ସୁଧାର ଆସିଲେ, ଆସନ୍ତା ନଭେମ୍ବର ପରେ ସାଉଥ୍ ଆଫ୍ରିକା କ୍ରିକେଟ୍ ଦଳ ପାଇଁ ଏକ ବ୍ୟସ୍ତ କାର୍ଯ୍ୟସୂଚୀ ରହିବ। ବିଶେଷ କରି ଗତ ୫ ମାସରେ ଯେଉଁସବୁ ସିରିଜ୍ ବାତିଲ୍ ହୋଇଛି, ତାହାର ଭରଣା କରାଯିବ। ଏହି ସମୟରେ ଦଳ ଇଣ୍ଡିଜ୍ ଗସ୍ତରେ ମଧ୍ୟ ଯାଇପାରେ ବୋଲି ସ୍ମିଥ୍ ଆଶା ପ୍ରକାଶ କରିଛନ୍ତି। କରୋନା ସଂକ୍ରମଣ କାରଣରୁ କ୍ରିକେଟ୍ କାର୍ଯ୍ୟକ୍ରମ ବନ୍ଦ ଥିବାରୁ ଏହା କ୍ରିକେଟର୍‌ଙ୍କ ପାଇଁ କଷ୍ଟସାଧ ସମୟ ହୋଇଛି। କାରଣ ସିଏସ୍‌ଏ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛି। ବିଶେଷକରି ଗତ କିଛି ମାସ ମଧ୍ୟରେ ସିଏସ୍‌ଏ ଏକାଧିକ ସ୍ପନସର୍‌ଙ୍କୁ ହରାଇଥିବାରୁ ଖେଳାଳିମାନେ ମଧ୍ୟ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେବେ ବୋଲି ସ୍ମିଥ୍ ଆଶଙ୍କା କହିଛନ୍ତି।



ଗୁରୁବାର ଟିମ୍ ଇଣ୍ଡିଆ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପତ୍ନୀ ଅଭିନେତ୍ରୀ ନତାସା ଷ୍ଟାଙ୍କୋଭିକ୍ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ବେଳେ ଶନିବାର ହାର୍ଦ୍ଦିକ ତାଙ୍କ ଫଟୋ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ଏହି ଫଟୋଟିକୁ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଲାଇକ୍ ମିଳିଛି।

ବ୍ରିଟିଶ୍ ଗ୍ରାଁପ୍ରି’ରେ ହାମିଲଟନ୍‌ଙ୍କୁ ପୋଲ୍ ପୋଜିସନ୍



ସିଲ୍‌ଭରଷ୍ଟୋନ୍, ୧।୮/ଏଜେନ୍ସି: ରବିବାର ଏଠାରେ ବ୍ରିଟିଶ୍ ଗ୍ରାଁପି’ର ଫାଇନାଲ୍ ରେସ୍ ହେବାକୁ ଥିବା ବେଳେ ଏଥିରେ ୬ ଥରର ଫର୍ମୁଲା ୱାନ୍ ବିଶ୍ୱ ଚାମ୍ପିଅନ୍ ଲୁଇସ୍ ହାମିଲଟନ୍ ପୋଲ୍ ପୋଜିସନ୍‌ରୁ ଆରମ୍ଭ କରିବେ। ମର୍ସିଡିଜ୍‌ର ଏହି ବ୍ରିଟିଶ୍ ଚାଳକ ଜଣକ ଶନିବାରର ଚୂଡ଼ାନ୍ତ ଅଭ୍ୟାସ ରେସ୍‌ରେ ରେକର୍ଡ ସମୟ ସହ ସବୁଠାରୁ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ୩୫ ବର୍ଷୀୟ ହାମିଲଟନ୍ ଏଠାରେ ରେକର୍ଡ ସପ୍ତମ ଥର ପାଇଁ ଚାମ୍ପିଅନ୍ ହେବାକୁ ଆଶା ରଖିଥିବା ବେଳେ ଶନିବାରର ଚୂଡ଼ାନ୍ତ ଅଭ୍ୟାସ ରେସ୍‌ରେ ତାଙ୍କ ଦଳୀୟ ସାଥୀ ତଥା ଫିନଲ୍ୟାଣ୍ଡ ଡ୍ରାଇଭର୍ ଭାଲଟେରୀ ବୋଟ୍ଟାସ୍ ଓ ରେଡ୍ ବୁଲ୍‌ର ମ୍ୟାକ୍ସ ଭେର୍ଷ୍ଟାପେନ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଏଠାରେ ପୋଲ୍ ପୋଜିସନ୍ ହାସଲ କରିବା ପରେ ହାମିଲଟନ୍ ତାଙ୍କ କ୍ୟାରିୟର୍‌ରେ ୯୧ତମ ଥର ପାଇଁ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଫରାରିର ଚାର୍ଲସ ଲେକ୍‌ଲର୍କ, ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ୍, ରେସିଂ ପଏଣ୍ଟ୍‌ର ଲାନ୍ସ ଷ୍ଟ୍ରୋଲ୍, ମ୍ୟାକ୍‌ଲରେନ୍‌ର କାର୍ଲୋସ୍ ସେଞ୍ଜ୍ ଜୁନିୟର୍, ରିନଲ୍ଟର ଡାନିଏଲ୍ ରିକିଆର୍ଡୋ, ତାଙ୍କ ଦଳୀୟ ସାଥୀ ଇସ୍ତେବାନ୍ ଓକୋନ୍ ଓ ଫରାରିର ସେବାଷ୍ଟିଆନ୍ ଭେଟ୍ଟେଲ୍ ଚତୁର୍ଥରୁ ଦଶମ ମଧ୍ୟରେ ରହିଥିଲେ।

ଦ୍ୱିତୀୟ ଥର ପାଇଁ ଘୁଞ୍ଚିଲା ଟିଏନ୍‌ପିଏଲ୍

ଚେନ୍ନାଇ, ୧।୮/ଏଜେନ୍ସି: କରୋନା ଭୂତାଣୁ ସଂକ୍ରମଣ କାରଣରୁ ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ଖେଳାଯାଇପାରି ନ ଥିବା ତାମିଲନାଡୁ ପ୍ରିମିୟର୍ ଲିଗ୍ (ଟିଏନ୍‌ପିଏଲ୍)ର ପଞ୍ଚମ ସଂସ୍କରଣକୁ ଶନିବାର ପୁଣିଥରେ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଆୟୋଜକ ତାମିଲନାଡୁ କ୍ରିକେଟ୍ ଆସୋସିଏସନ୍ (ଟିଏନ୍‌ସିଏ) ଏହାକୁ ଚଳିତ ବର୍ଷ ନଭେମ୍ବର କିମ୍ବା ଆସନ୍ତା ବର୍ଷ ମାର୍ଚ୍ଚରେ ଆୟୋଜନ ପାଇଁ ଲକ୍ଷ୍ୟ ରଖିଛି। ଏହି ଟି-୨୦ ଲିଗ୍‌ଟି ଚଳିତ ବର୍ଷ ଜୁନ୍ ୧୦ରୁ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଖେଳାଯିବା ସକାଶେ ସ୍ଥିର ହୋଇଥିଲା। କିନ୍ତୁ ଗତ ମେ’ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ବେଗରେ ବଢ଼ିଚାଲିଥିବାରୁ ଏହାକୁ ଆୟୋଜକ ଟିଏନ୍‌ସିଏ ପକ୍ଷରୁ ଘୁଞ୍ଚାଇ ଦିଆଯାଇଥିଲା ଏବଂ ଗତ ଜୁଲାଇ ଶେଷ ଅବା ଆସନ୍ତା ସେପ୍ଟେମ୍ବରରେ ଆୟୋଜନ କରିବା ସକାଶେ ଲକ୍ଷ୍ୟ ରଖିଥିଲା। କିନ୍ତୁ ଏବେ ବି ଦେଶରେ କରୋନା ସଂକ୍ରମଣଜନିତ ସ୍ଥିତିରେ ବିଶେଷ କିଛି ପରିବର୍ତ୍ତନ ଘଟି ନ ଥିବାରୁ ଏହାକୁ ଦ୍ୱିତୀୟ ଥର ପାଇଁ ସ୍ଥଗିତ ରଖାଯାଇଛି ବୋଲି ଟିଏନ୍‌ଟିଏର ଅବୈତନିକ ସଚିବ ଆରଏସ୍ ରାମସାମୀ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଟିଏନ୍‌ପିଏନ୍‌ରେ ରବିଚନ୍ଦ୍ରନ୍ ଅଶ୍ୱିନ୍, ଦିନେଶ କାର୍ତ୍ତିକ, ବିଜୟ ଶଙ୍କର ଓ ଏମ. ବିଜୟଙ୍କ ପରି ଦେଶର ପ୍ରମୁଖ କ୍ରିକେଟର୍‌ମାନେ ଖେଳିଆସୁଥିବା ବେଳେ ଏହା ମାଧ୍ୟମରେ ବରୁନ୍ ଚକ୍ରବର୍ତ୍ତୀ ଓ ଆର. ସାଇ କିଶୋରଙ୍କ ପରି ଯୁବ କ୍ରିକେଟର୍‌ଙ୍କ ପ୍ରତିଭା ପଦାକୁ ଆସିପାରିଛି।

ପିଭି ସିନ୍ଧୁଙ୍କୁ ଟ୍ରେନିଂ ଲାଗି ଅନୁମତି

ହାଇଦ୍ରାବାଦ୍, ୧।୮/ଏଜେନ୍ସି: ଦୀର୍ଘ ୧୫୦ ଦିନ ପରେ ପୁଲେଲା ଗୋପୀଚାନ୍ଦଙ୍କ ବ୍ୟାଡ୍‌ମିଣ୍ଟନ୍ ଏକାଡେମୀ ପୁଣିଥରେ ଚଳଚଞ୍ଚଳ ହେବ। ଏକାଡେମୀରେ ଟ୍ରେନିଂ ଦେବାକୁ ତେଲେଙ୍ଗାନା ସରକାର ଅନୁମତି ଦେବା ପରେ ଏହା ସମ୍ଭବ ହେବାକୁ ଯାଉଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଏକାଡେଭୀ ମୁଖ୍ୟ ଗୋପୀଚାନ୍ଦ ସ୍ୱାଗତ କରିଛନ୍ତି। ଆମେ ସରକାରଙ୍କ କୋଭିଡ୍-୧୯ ଗାଇଡ୍‌ଲାଇନ୍ସ ଅନୁଯାୟୀ ଟ୍ରେନିଂ କରିବୁ। ପ୍ରଥମେ ଅଲିମ୍ପିକ୍ ଯୋଗ୍ୟତା ଅର୍ଜନ କରିଥିବା ଓ ଆଶାୟୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହା ଆସନ୍ତା ୫ରୁ ଆରମ୍ଭ ହେବ ବୋଲି ସେ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପିଭି ସିନ୍ଧୁ, ସାଇନା ନେହ୍ୱାଲ, କିଦାମ୍ବି ଶ୍ରୀକାନ୍ତ, ସାଇ ପ୍ରଣୀତ୍, ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ, ଚିରାଗ ସେଟ୍ଟି, ଅଶ୍ୱିନ ପୋନାପ୍ପାଙ୍କୁ ପ୍ରଶିକ୍ଷଣ ଦେବାକୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଅନୁମତି ଦେଇଥିବା କଥା ଗୋପୀଚାନ୍ଦ କହିଛନ୍ତି। କେବଳ ଏହି ୮ ଜଣ ଟ୍ରେନିଂ ନେବେ। ଏହା ମଧ୍ୟରୁ କେତେକ ଟୋକିଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିସାରିଛନ୍ତି ଓ ଅନ୍ୟମାନେ ଅପେକ୍ଷାରେ ଅଛନ୍ତି। କରୋନା ଭାଇରସ୍ ସଂକ୍ରମଣ ରୋକିବା ସକାଶେ ଲକଡାଉନ୍ ଜାରି ପରିପ୍ରେକ୍ଷୀରେ ପାଖାପାଖି ୫ ମାସ ତଳୁ ଟ୍ରେନିଂ ବନ୍ଦ ରହିଛି।

ଭିଭୋ ଭାଗ୍ୟ ନିର୍ଦ୍ଧାରଣ ସହ ୟୁଏଇ ସଂସ୍କରଣ ନେଇ ହୋଇପାରେ ଚୂଡ଼ାନ୍ତ ନିଷ୍ପତ୍ତି

ଆଜି ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ ବୈଠକ



ମୁମ୍ବାଇ, ୧।୮/ଏଜେନ୍ସି: କରୋନା ଭାଇରସ୍ ବିଶ୍ୱବାସୀଙ୍କ ଯେତିକି ଚିନ୍ତା ନ ବଢାଇଛି, ତା’ଠାରୁ ଅଧିକ ଚିନ୍ତା ଚଳିତ ବର୍ଷର ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ଆୟୋଜନକୁ ନେଇ ବିସିସିଆଇ ମୁଣ୍ଡାଇଛି। ଆଇପିଏଲ କଥା ବୁଝିବା ଲାଗି ଏକ ଗଭର୍ଣ୍ଣିଂ କାଉନ୍ସିଲ ଥିଲେ ମଧ୍ୟ ଏହାର ମୁଖ୍ୟ କାମ ବିସିସିଆଇ ହିଁ କରିଆସିଛି। ଏହା ଭିତରେ ଚଳିତ ବର୍ଷର ଆଇପିଏଲ ଦେଶ ବାହାରେ ଅର୍ଥାତ୍ ୟୁଏଇରେ ଆସନ୍ତା ସେପ୍ଟେମ୍ବର ୧୯ରୁ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇସାରିଛି। ଏହାକୁ କିପରି ସୁଚାରୁ ରୂପେ ଆୟୋଜନ କରାଯାଇପାରିବ, ତାହା ଉପରେ ଆଲୋଚନା କରିବା ସକାଶେ ରବିବାର ଆଇପିଏଲ ଗଭର୍ଣ୍ଣି କାଉନ୍‌ସିଲ୍ ବୈଠକ ବସିବ। ବିଶ୍ୱର ଏହି ଲୋଭନୀୟ ଟି-୨୦ କ୍ରିକେଟ ପ୍ରତିଯୋଗିତା ଆୟୋଜନ କରିବା ଲାଗି ବିସିସିଆଇ ନିକଟରେ ଏକାଧିକ ଚ୍ୟାଲେଞ୍ଜ ରହିଛି। ପ୍ରତିଯୋଗିତା ଲାଗି ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁୟର (ଏସ୍‌ଓପି), ଭାରତରୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୟୁଏଇ ନେବା, ସେଠାକାର ହୋଟେଲରେ ବାୟୋ-ବବଲ ପରିବେଶରେ ରହିବା ଆଦି ପ୍ରମୁଖ ଚ୍ୟାଲେଞ୍ଜ ରହିଛି। କିନ୍ତୁ ଏହା ମଧ୍ୟରେ ଆଉ ଏକ ବଡ ସମସ୍ୟା ହେଉଛି ଟିମ୍‌ଗୁଡିକର ସଦସ୍ୟଙ୍କ ସଂଖ୍ୟାକୁ ନେଇ। ପୂର୍ବରୁ ଗୋଟିଏ ଟିମ୍‌ରେ ୨୫ ଖେଳାଳିଙ୍କ ସମେତ ପାଖାପାଖି ୪୦ ସଦସ୍ୟ ରହିଆସିଛନ୍ତି। କିନ୍ତୁ ଏଥର ଏହା ସମ୍ଭବ ହେବ ନାହିଁ। ଅଦରକାରୀ ସଦସ୍ୟଙ୍କ ସଂଖ୍ୟା ହ୍ରାସ କରିବାକୁ ବିସିସିଆଇ ଫ୍ରାଞ୍ଚାଇଜ୍‌ମାନଙ୍କୁ କହିସାରିଛି। ଏ ସମ୍ପର୍କରେ ଏକ ଫ୍ରାଞ୍ଚାଇଜ୍ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ଆମେ ସାଧାରଣତଃ ପ୍ରତିଯୋଗିତା ଅଧାରୁ ଅନେକ ଖେଳାଳିଙ୍କୁ ବିଶ୍ରାମ ଦେଇଥାଉ। ଏହା ଏକ ସମସ୍ୟା ହେବ ନାହିଁ। ଥରେ ଆଇପିଏଲ ଗଭର୍ଣ୍ଣିଂ କାଉନ୍‌ସିଲ୍ ବୈଠକ ଆୟୋଜିତ ହେଲେ, ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ଏହି କର୍ମକର୍ତ୍ତା ଜଣକ କହିଛନ୍ତି। ଖେଳାଳିଙ୍କ ଇଞ୍ଜୁରୀ ସମସ୍ୟା, ଟ୍ରେନିଂ, ମସାଜ ଆଦି କାମ ଲାଗି ସପୋର୍ଟ ଷ୍ଟାଫଙ୍କ ଆବଶ୍ୟକତା ରହିଛି। ଏମାନଙ୍କୁ କମାଇ ହେବ ନାହିଁ। ଖେଳାଳିଙ୍କୁ ନେଇ ସମସ୍ୟା ଉପୁଜିପାରେ। ଥରେ ବିସିସିଆଇଠାରୁ ଗାଇଡ୍‌ଲାଇନ୍ ମିଳିଗଲେ ସମସ୍ତ ପ୍ରକାର ପ୍ରସ୍ତୁତି ସହଜ ହୋଇଯିବ।

ଏହି ବୈଠକରେ ସରକାରଙ୍କ ଅନୁମତିକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ କୁହାଯିବ। ସରକାରୀ ଅନୁମତି ମିଳିଗଲେ ସବୁକିଛି କରାଯିବ। ବୈଠକରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗ ମଧ୍ୟରେ ଖେଳାଳିଙ୍କ ସୁରକ୍ଷା ଅନ୍ୟତମ। ଖେଳସୂଚୀ ଓ ପ୍ରସାରଣ ଉପରେ ମଧ୍ୟ ଚୂଡ଼ାନ୍ତ ମୋହର ଲାଗିବ। ଟୁର୍ଣ୍ଣାମେଣ୍ଟଟି ଆସନ୍ତା ସେପ୍ଟେମ୍ବର ୧୯ରେ ଆରମ୍ଭ ହେବ କି ନାହିଁ, ନଭେମ୍ବର ୮ କି ୧୦ ତାରିଖରେ ଫାଇନାଲ୍ ଖେଳାଯିବ, ତାହା ଉପରେ ମଧ୍ୟ ଚୂଡ଼ାନ୍ତ ନିଷ୍ପତ୍ତି ହେବ। ପ୍ରସାରଣ ମାମଲାରେ ଆଉ ଏକ ବିଚାର୍ଯ୍ୟ ବିଷୟ ହେଉଛି ଟାଇମିଂ। ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ ଖେଳାଯିବ ନା ଏଥିରେ କିଛି ପରିବର୍ତ୍ତନ କରାଯିବ, ତାହା ଉପରେ ମଧ୍ୟ ଆଲୋଚନା ହୋଇପାରେ।

ସେହିପରି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସ୍ପନସରଶିପ୍‌ରେ ଚାଇନିଜ୍ ମୋବାଇଲ କମ୍ପାନୀ ଭିଭୋ ରହିବ କି ନାହିଁ। ଏବେ ସମଗ୍ର ଦେଶରେ ଚୀନ୍‌ବିରୋଧୀ ଅଭିଯାନ ଚାଲିଛି। ତେଣୁ ଏପରି ଚିନ୍ତାଧାରା ବିରୋଧରେ ଯାଇ ଭିଭୋକୁ ଆଇପିଏଲ୍‌ର ସ୍ପନସର୍ ଭାବେ ବଜାୟ ରଖିଲେ, ଆଗାମୀ ଦିନରେ କି ପ୍ରକାର ପରିସ୍ଥିତି ସୃଷ୍ଟି ହେବ, ତାହା ଉପରେ ମଧ୍ୟ ବିଚାର ହେବ। ଭିଭୋ ପ୍ରତିନିଧିଙ୍କୁ ମଧ୍ୟ ଏହି ବୈଠକରେ ଯୋଗ ଦେବାକୁ କୁହାଯାଇଛି। ରାଜିନାମା ଅନୁଯାୟୀ, ସ୍ପନ୍‌ସର ଭାବେ ଭିଭୋ ବର୍ଷକୁ ୪,୪୪୦ କୋଟି ଟଙ୍କା ଦେଉଛି। କିନ୍ତୁ ବିସିସିଆଇ କୋଷାଧ୍ୟକ୍ଷ ଅରୁଣ ଧୁମଲଙ୍କ ମତରେ, ଆମେ ଭିଭୋ ସହ ହୋଇଥିବା ରାଜିନାମାକୁ ରଦ୍ଦ କରିପାରିବୁ ନାହିଁ। ବର୍ତ୍ତମାନ ସମୟରେ ଏହାର ବିକଳ୍ପ ମିଳିବା ମଧ୍ୟ କଷ୍ଟକର ବ୍ୟାପାର। କିନ୍ତୁ ଆମେ ଯଦି ରାଜିନାମାକୁ ସମ୍ମାନ ନ ଦେଉ, ତେବେ ଅନ୍ୟ କେଉଁ କମ୍ପାନୀ ସ୍ପନସର ହେବାକୁ ରାଜି ହେବେ କି ନାହିଁ, ତାହା ମଧ୍ୟ ବିଚାରଯୋଗ୍ୟ ବୋଲି ଧୁମଲ୍ କହିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଧୁମଲଙ୍କ ଏପରି ମନ୍ତବ୍ୟର ପ୍ରାସଙ୍ଗିକତା ମଧ୍ୟ ଯଥେଷ୍ଟ ଅଧିକ ରହିଛି। ତଥାପି ଭିଭୋ ଏହି ବୈଠକକୁ ଆସିବ ବୋଲି ଆଇପିଏଲ କମିଶନରଙ୍କ ସୂତ୍ରରୁ ଜଣାଯାଇଛି।

ଆଇପିଏଲ କମିଶନର ବ୍ରିଜେଶ ପଟେଲଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବ। ଏଥିରେ ବିସିସିଆଇର ସମସ୍ତ ପଦାଧିକାରୀ ଯୋଗଦେବେ ବୋଲି ଆଶା କରାଯାଉଛି। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି, ସଚିବ ଜୟ ଶାହ, କୋଷାଧ୍ୟକ୍ଷ ଧୁମଲ ପ୍ରମୁଖ ଅଂଶଗ୍ରହଣ କରିବେ। ବୈଠକ ପରେ ଫ୍ରାଞ୍ଚାଇଜ୍‌ଗୁଡିକ ସହ ମଧ୍ୟ ଆଲୋଚନା ହେବ ବୋଲି ପଟେଲ କହିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra